# Meeting between External Affairs Minister and Foreign Minister of Maldives

# ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବୈଠକ

ଅଗଷ୍ଟ 13, 2020

1. ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ( ଇଏଏମ୍) ଏବଂ ମାଲଦ୍ୱୀପର ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ସହିଦ ଅଗଷ୍ଟ 13, 2020 ରେ ଭିଡିଓ ସମ୍ମିଳନୀ ମାଧ୍ୟମରେ ଏକ ବୈଠକ କରିଥିଲେ ।
2. ଏହି ଆଲୋଚନା ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ନିୟମିତ ଉଚ୍ଚ ସ୍ତରୀୟ ଆଦାନପ୍ରଦାନର ଏକ ଅଂଶ ଥିଲା । ଏହା ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ଏବଂ କୋଭିଡ୍ -19 ଓ ସାମଗ୍ରିକ ଦ୍ୱିପାକ୍ଷିକ ସହଭାଗିତା ପ୍ରସଙ୍ଗରେ କିଛି ଐତିହାସିକ ଘୋଷଣା କରିବାର ସୁଯୋଗ ପ୍ରଦାନ କରିଥିଲା । ମନ୍ତ୍ରୀମାନେ ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ସମୟ ପରୀକ୍ଷିତ ସମ୍ପର୍କର ସ୍ଥିତି ସମୀକ୍ଷା କରିଥିଲେ ଏବଂ କୋଭିଡ୍ -19 ମହାମାରୀ ଦ୍ୱୀପାକ୍ଷିକ ସହଯୋଗର ଗତି ମନ୍ଥର କରି ବୋଲି ସନ୍ତୋଷ ବ୍ୟକ୍ତ କରିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଜନସାଧାରଣ ତଥା ଭାରତ ସରକାର ଏବଂ ମାଲଦ୍ୱୀପ ସରକାରଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରପତି ସୋଲିହଙ୍କ ସରକାରଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଭାରତ ନିଜର ନିକଟ ସାମୁଦ୍ରିକ ପଡ଼ୋଶୀ ତଥା ବନ୍ଧୁଙ୍କ ସହ କଠିନ ସମୟରେ ଛିଡା ହୋଇଛି ।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ଯେ ଭାରତ ଏବଂ ମାଲଦ୍ୱୀପ କୋଭିଡ୍ -19 ମହାମାରୀର ମୁକାବିଲା କରିବାରେ ଅତ୍ୟନ୍ତ ଘନିଷ୍ଠ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ ପଡୋଶୀ ଦେଶ ମଧ୍ୟରେ ଭାରତୀୟ କେଭିଡ୍-19 ସମ୍ବନ୍ଧୀୟ ସାହାଯ୍ୟର ମାଲଦ୍ୱୀପ ହେଉଛି ସବୁଠାରୁ ବଡ ହିତାଧିକାରୀ। ମହାମାରୀର ସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ପ୍ରଭାବକୁ ହ୍ରାସ କରିବା ପାଇଁ ସମସ୍ତ ସମ୍ଭାବ୍ୟ ସମର୍ଥନ ପାଇଁ ମାଲଦ୍ୱୀପ ପ୍ରତି ଭାରତର ନିରନ୍ତର ପ୍ରତିବଦ୍ଧତାକୁ ବୈଦେଶିକ ମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ସାହିଦ ଗୁରୁତ୍ୱାରୋପ କରିଛନ୍ତି ଯେ ଅଧିକ ସଂଯୋଗର ପରିଣାମ ସମୃଦ୍ଧ ହୋଇଥାଏ।

4. ଡିଜିଟାଲ ଭିଡିଓ ସମ୍ମିଳନୀରେ ବୈଦେଶିକ ମନ୍ତ୍ରୀ ନିମ୍ନଲିଖିତ ଘୋଷଣା କରିଛନ୍ତି:

   (i) ବୃହତ ମାଲେ କନେକ୍ଟିଭିଟି ପ୍ରୋଜେକ୍ଟ (ଜିଏମ୍ ସିପି): ମାଲଦ୍ୱୀପ ସରକାରଙ୍କ ଅନୁରୋଧର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଘୋଷଣା କରିଛନ୍ତି ଯେ 400 ମିଲିୟନ ଡଲାର ଋଣ ସୁବିଧା ଏବଂ 100 ମିଲିୟନ ଡଲାର ଅନୁଦାନ ମାଧ୍ୟମରେ ଗ୍ରେଟର ମାଲେ କନେକ୍ଟିଭିଟି ପ୍ରକଳ୍ପର କାର୍ଯ୍ୟକାରିତାକୁ ସମର୍ଥନ କରିବାକୁ ଭାରତ ସରକାରଙ୍କ ନିଷ୍ପତ୍ତି ନେଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ମାଲଦ୍ୱୀପରେ ଥିବା ମାଲେ (ମାଲଦ୍ୱୀପର ରାଜଧାନୀ) କୁ ତିନୋଟି ପଡୋଶୀ ଦ୍ୱୀପ - ଭିଲିଙ୍ଗିଲି, ଗୁଲ୍ହିଫାହୁ (ଯେଉଁଠାରେ ଭାରତୀୟ ଏଲ୍ ଓସି ଅଧୀନରେ ଏକ ବନ୍ଦର ନିର୍ମାଣ କରାଯାଉଛି) ଏବଂ ଥିଲାଫୁସ୍ସୁ (ନୂତନ ଶିଳ୍ପ କ୍ଷେତ୍ର) ସଂଯୋଗ କରୁଥିବା ଏହି 6.7 କିଲୋମିଟର ଲମ୍ବା ବ୍ରିଜ୍ ଏବଂ କଜ୍ ୱେ ଲିଙ୍କ୍, ମାଲଦ୍ୱୀପର ସବୁଠାରୁ ବଡ଼ ନାଗରିକ ଭିତ୍ତିଭୂମି ପ୍ରକଳ୍ପ ହେବ । ଏହା ସମାପ୍ତ ହେବା ପରେ, ଏହି ଲ୍ୟାଣ୍ଡମାର୍କ ପ୍ରୋଜେକ୍ଟ 4 ଟି ଦ୍ୱୀପପୁଞ୍ଜ ମଧ୍ୟରେ ସଂଯୋଗକୁ ଶୃଙ୍ଖଳିତ କରିବ, ଯାହା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ମାଲେ ଅଞ୍ଚଳରେ ସାମଗ୍ରିକ ସହରୀ ବିକାଶକୁ ପ୍ରୋତ୍ସାହିତ କରାଯିବ ।

   (ii) ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ସିଧାସଳଖ କାର୍ଗୋ ଫେରି ସେବା ଆରମ୍ଭ: ଭାରତ ଏବଂ ମାଲଦ୍ୱୀପ

ମଧ୍ୟରେ ଫେରି ସେବା ଆରମ୍ଭ କରିବାକୁ ଜୁନ୍ 2019 ରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ମନେ ପକାଇ ବୈଦେଶିକ ବ୍ୟାପାର ମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଖୁବ୍ ଶୀଘ୍ର ଏକ ସିଧାସଳଖ କାର୍ଗୋ ଫେରି ସେବା ଆରମ୍ଭ ହେବ ହବ। ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ସଂଯୋଗୀକରଣ ତଥା ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଭାଗିଦାରୀକୁ ବଢ଼ାଇବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏହି ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। କାର୍ଗୋ ଫେରି ସେବା ସାମୁଦ୍ରିକ ସଂଯୋଗ ବୃଦ୍ଧି କରିବ ଏବଂ ଭାରତରେ ରପ୍ତାନିକାରୀ ତଥା ମାଲଦ୍ୱୀପରେ ଆମଦାନୀକାରୀଙ୍କୁ ଯୋଗାଣ ପାଇଁ ପୂର୍ବାନୁମାନ ପ୍ରଦାନ କରିବ । ଏହା ବ୍ୟବସାୟୀଙ୍କ ପାଇଁ ଲଜିଷ୍ଟିକ୍ ଖର୍ଚ୍ଚ ଏବଂ ସମୟ ମଧ୍ୟ ହ୍ରାସ କରିବ ।

(iii) ଏୟାର୍ ଟ୍ରାଭେଲ୍ ବବଲ୍ ସୃଷ୍ଟି: ରୋଜଗାର, ପର୍ଯ୍ୟଟନ, ଡାକ୍ତରୀ ଆଦି ଜରୁରୀକାଳୀନ ପରିସ୍ଥିତି ପାଇଁ ଉଭୟ ପାର୍ଶ୍ୱରୁ ଲୋକଙ୍କ ଗତିବିଧିକୁ ସୁଗମ କରିବା ପାଇଁ ବୈଦେଶିକ ମନ୍ତ୍ରୀ ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ଏୟାର୍ ଟ୍ରାଭେଲ୍ ବବଲ୍ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି। ଆମର ବିଶେଷ ସମ୍ପର୍କକୁ ଦୃଷ୍ଟିରେ ରଖି, ମାଲଦ୍ୱୀପ ହେଉଛି ପ୍ରଥମ ପଡ଼ୋଶୀ ଦେଶ ଯାହା ସହ ଏକ ଏୟାର ବବୁଲ୍ ପରିଚାଳିତ ହେଉଛି । ଏୟାର ବବୁଲ ହେଉଛି ମାଲଦ୍ୱୀପରେ ପର୍ଯ୍ୟଟନର ଆଗମନ ଏବଂ ରାଜସ୍ୱ ବୃଦ୍ଧି ପାଇଁ ଭାରତର ସମର୍ଥନର ପ୍ରତୀକ । ଉଭୟ ଦେଶରେ ସ୍ୱାସ୍ଥ୍ୟ ପ୍ରୋଟୋକଲଗୁଡିକ କଡାକଡ଼ି ଭାବରେ ପାଳନ କରାଯିବ। ଏୟାର ବବୁଲ ଅଧୀନରେ ପ୍ରଥମ ବିମାନ ଅଗଷ୍ଟ 18 ରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି ।

(iv) ମାଲଦ୍ୱୀପକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ: 1981 ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ ଭାରତର ପ୍ରତିବଦ୍ଧତା ପୂରଣ କରି, ବୈଦେଶିକ ମନ୍ତ୍ରୀ 2020-21 ବର୍ଷ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ କୋଟା ନବୀକରଣ କରିବାକୁ ନିଷ୍ପତ୍ତି ଜଣାଇଛନ୍ତି। ଏହି ସାମଗ୍ରୀ ଗୁଡିକ ମଧ୍ୟରେ ଅଛି ଆଳୁ, ପିଆଜ, ଚାଉଳ, ଗହମ, ମଇଦା, ଚିନି, ଡାଲି ଏବଂ ଅଣ୍ଡା ସହ ନଦୀ ବାଲି ଏବଂ ଛୋଟ ପଥର ଖଣ୍ଡ ଅନ୍ତର୍ଭୁକ୍ତ | କୋଟାରେ ଖାଦ୍ୟ ନିରାପତ୍ତା ଏବଂ ଅତ୍ୟାବଶ୍ୟକ ନିର୍ମାଣ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରାଯାଇଛି ଓ ଏହିକ୍ରମେ ଏହା ମାଲଦ୍ୱୀପରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ନିଶ୍ଚିତତା ଏବଂ ମୂଲ୍ୟ ସ୍ଥିରତା ପ୍ରଦାନ କରେ ।

କୋଭିଡ୍ -19 ମହାମାରୀ ସମୟରେ, ଯେତେବେଳେ ଯୋଗାଣ ଶୃଙ୍ଖଳା ବ୍ୟାହତ ହୋଇଛି, ଭାରତ ମାଲଦ୍ୱୀପକୁ ଅତ୍ୟାବଶ୍ୟକ ଖାଦ୍ୟ ଏବଂ ନିର୍ମାଣ ସାମଗ୍ରୀ ଯୋଗାଣରେ ସହାୟତା ଜାରି ରଖିଥିଲା । ମେ 2020 ରେ, ଭାରତ ମିଶନ୍ ସାଗର ମାଧ୍ୟମରେ 580 ଟନ୍ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମଧ୍ୟ ଉପହାର ଦେଇଥିଲା ।

(v) ତୁରନ୍ତ ଆର୍ଥିକ ସହାୟତାର ବିସ୍ତାର: କୋଭିଡ୍-19 ର ସ୍ଥିତି ଏବଂ ମାଲଦ୍ୱୀପକୁ ଆର୍ଥିକ ପୁନରୁଦ୍ଧାରରେ ସହାୟତା କରିବାକୁ ଭାରତର ପ୍ରତିବଦ୍ଧତା ହେତୁ ମାଲଦ୍ୱୀପ ସମ୍ମୁଖୀନ ହୋଇଥିବା ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ବୈଦେଶିକ ମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଭାରତ ସରକାର ଏକ ସଫ୍ ଲୋନ୍ ବ୍ୟବସ୍ଥା ମାଧ୍ୟମରେ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ଋଣ ପରିଚାଳନାର ସଠିକ ପଦ୍ଧତି ଉଭୟ ପକ୍ଷ ଦ୍ୱାରା ଚୂଡାନ୍ତ ହୋଇଛି ।

5. ବୈଦେଶିକ ମନ୍ତ୍ରୀ ସାହିଦ ବିକାଶ ପ୍ରାଥମିକତା ପୂରଣ ପାଇଁ ନେଇଥିବା ପଦକ୍ଷେପ ପାଇଁ ଭାରତ ସରକାରଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି ଯେ, ଗ୍ରେଟର ମାଲେ କନେକ୍ଟିଭିଟି ପ୍ରକଳ୍ପ ଭାରତ-ମାଲଦ୍ୱୀପ ସମ୍ପର୍କରେ ଏକ ନୂତନ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହେବ ଏବଂ ମାଲଦ୍ୱୀପର ଅର୍ଥନୈ ତିକ ଏବଂ ଶିଳ୍ପ ପରିବର୍ତ୍ତନକୁ ମଜବୁତ କରିବ । ଠିକ୍ ସମୟରେ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ବୈଦେଶିକ ମନ୍ତ୍ରୀ ସହିଦ

ଭାରତକୁ ଧନ୍ୟବାଦ ଅର୍ପଣ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଏହି ଆର୍ଥିକ ସହାୟତା ମାଲଦ୍ୱୀପ ଅର୍ଥନୀତିକୁ ପୁନଃର୍ଜୀବିତ କରିବାରେ ସାହାଯ୍ୟ କରିବ ଯାହା କୋଭିଡ -19 ସଙ୍କଟ ଦ୍ୱାର ପ୍ରଭାବିତ ହୋଇଛି ।

6. ଭାରତ ଏବଂ ମାଲଦ୍ୱୀପ ମଧ୍ୟରେ ଏୟାର୍ ବବୁଲ ଏବଂ ସିଧାସଳଖ କାର୍ଗୋ ଫେରି ସେବା ଆରମ୍ଭ କରିବା ନିଷ୍ପତ୍ତିକୁ ବୈଦେଶିକ ମନ୍ତ୍ରୀ ସାହିଦ ସ୍ୱାଗତ କରିଛନ୍ତି ।  ଏହି ଦୁଇଟି ପଦକ୍ଷେପ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବ ଯାହା ଆମର ଯାହା ଆମର ଗତିଶୀଳ ସହଭାଗୀତାର ମୂଳଦୁଆ ସୃଷ୍ଟି କରେ ।

7. ନଭେମ୍ବର 2018 ଠାରୁ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହଙ୍କ ନେତୃତ୍ୱରେ ଭାରତ ଏବଂ ମାଲଦ୍ୱୀପ ସହଭାଗୀତାର ଏକ ଗତିଶୀଳ ଏବଂ ଉଚ୍ଚାଭିଳାଷୀ ପର୍ଯ୍ୟାୟ ଆରମ୍ଭ କରିଛନ୍ତି ଯାହା ପାରସ୍ପରିକ ବିଶ୍ୱାସ ଏବଂ ସହଭାଗୀ ସ୍ୱାର୍ଥ ଉପରେ ଆଧାର କରି ଆମର ସ୍ଥାୟୀ ସମ୍ପର୍କ ସ୍ଥାପନ କରିଛି । ଭାରତର "ପଡୋଶୀ ଦେଶ ପ୍ରଥମ" ବୈଦେଶିକ ନୀତି ଏବଂ ମାଲଦ୍ୱୀପର "ଇଣ୍ଡିଆ ପ୍ରଥମ" ନୀତି ପରସ୍ପରକୁ ପରିପୂର୍ଣ୍ଣ କରେ ଏବଂ ବର୍ତ୍ତମାନ ଦୃଶ୍ୟମାନ ଫଳାଫଳ ପ୍ରଦର୍ଶନ କରୁଛି  । ଗତ ଦେଢ଼ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ସୋଲେହ ଚାରିଥର ସାକ୍ଷାତ କରିଛନ୍ତି। କୋଭିଡ -19 ସମ୍ବନ୍ଧୀୟ ପରିସ୍ଥିତି ଉପରେ ନିର୍ଭର କରି ରାଷ୍ଟ୍ରପତି ସୋଲିହ ଚଳିତ ବର୍ଷ ଶେଷରେ ଭାରତ ଗସ୍ତ କରିବେ ବୋଲି ଆଶା କରାଯାଉଛି।

୫. ବିଶେଷକରି ୫00 ନିୟୁତ ଆମେରିକୀୟ ଡଲାରର କ୍ରେଡିଟ୍ ଲାଇନ ଅଧୀନରେ ଥିବା ଦ୍ୱିପାକ୍ଷିକ ପ୍ରକଳ୍ପ ଏବଂ ପଦକ୍ଷେପର ଅଗ୍ରଗତି ଉପରେ ବୈଦେଶିକ ବ୍ୟାପର ମନ୍ତ୍ରୀ ଡକ୍ଟର. ଏସ୍. ଜୟଶଙ୍କର ଏବଂ ବୈଦେଶିକ ମନ୍ତ୍ରୀ ଅବଦୁଲ୍ଲା ସାହିଦ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାପକ ଏବଂ ଗଭୀର କରିବା ପାଇଁ ଦୁଇ ନେତା ମିଳିତ ଭାବେ କାର୍ଯ୍ୟ ଜାରି ରଖିବାକୁ ରାଜି ହୋଇଥିଲେ ।

**ନୂଆ ଦିଲ୍ଲୀ**
**ଅଗଷ୍ଟ 13, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.